# NATIONAL NEWS BULLETIN (ODIA)

**17 July - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ହେଲେ କୃଷି ଓ କୃଷିଜାତ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଲେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି ।
- ପୁରୀ ଶ୍ରୀକ୍ଷେତ୍ରରେ ତିନି ରଥ ଉପରେ ଠାକୁରଙ୍କର ଆଜି ଅନୁଷ୍ଠିତ ହେବ ସୁନାବେଶ ।
- ସଂରକ୍ଷଣ ବ୍ୟବସ୍ଥା ନେଇ ବାଂଲାଦେଶରେ ସୃଷ୍ଟ ହିଂସାକାଣ୍ଡରେ ୬ ଜଣଙ୍କର ମୃତ୍ୟୁ ।

ଏବଂ

- ସମଗ୍ର ଦେଶରେ ଆଜି ଶ୍ରଦ୍ଧା ଏବଂ ସଦ୍‌ଭାବନାର ସହ ପାଳନ କରାଯାଉଛି ମହରମ ।

---

## ଶିବରାଜ ସିଂ ଏଗ୍ରିକଲ୍‌ଚର

୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କର ସଂକଳ୍ପକୁ ପୂରଣ କରିବା ଦିଗରେ କୃଷି ଓ କୃଷି ସମ୍ବନ୍ଧୀୟ କ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି । ଗତକାଲି ନୂଆଦିଲ୍ଲୀରେ ଭାରତୀୟ

କୃଷି ଗବେଷଣା ପରିଷଦର ୯୬ତମ ପ୍ରତିଷ୍ଠା ଏବଂ ପ୍ରଯୁକ୍ତିବିଦ୍ୟା ଦିବସ ପାଳନ କରିବା ଅବସରରେ ଶ୍ରୀ ଚୌହାନ କହିଛନ୍ତି ଭାରତୀୟ ଅର୍ଥନୀତିରେ ଜୀବିକା ହେଉଛି କୃଷି ଏବଂ କୃଷକମାନେ ଏହାର ମେରୁଦଣ୍ଡ । ସେ କହିଛନ୍ତି କୃଷକଙ୍କର ଆୟକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ କେନ୍ଦ୍ର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର କୃଷିକୁ ପ୍ରାଥମିକତା ଦେଇ ଆସୁଛନ୍ତି । ଏହି ଅବସରରେ ଶ୍ରୀ ଚୌହାନ ୨୫ଟି କିସମର ଶସ୍ୟ ଏବଂ କେତେକ ଉତ୍ପାଦକୁ କୃଷକଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ ।

## ଏପି-ଶାହା

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଛନ୍ତି । ବୈଠକ ସମୟରେ ଶ୍ରୀ ନାଇଡୁ ରାଜ୍ୟର ବିତ୍ତୀୟ ପରିସ୍ଥିତି ଏବଂ ଜାରି କରାଯାଇଥିବା ୪ଟି ଶ୍ୱେତପତ୍ର ସଂପର୍କରେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି । ଶ୍ରୀ ନାଇଡୁ କହିଛନ୍ତି ପୂର୍ବ ସରକାରଙ୍କ କାର୍ଯ୍ୟକାଳ ସମୟରେ ଆର୍ଥିକ ଅନିୟମିତତା, ଅପାରଗତା ଏବଂ ବ୍ୟାପକ ଦୁର୍ନୀତି ଯୋଗୁଁ ଆନ୍ଧ୍ରପ୍ରଦେଶର ବହୁ କ୍ଷତି ଘଟିଛି । ରାଜ୍ୟର ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ମିଶି ବ୍ୟାପକ ପୁନରୁଦ୍ଧାର ଯୋଜନା ପ୍ରସ୍ତୁତ କରିବା ପାଇଁ ଶ୍ରୀ ନାଇଡୁ ଆଶା ବ୍ୟକ୍ତ କରିଛନ୍ତି ।

## ଅମରନାଥ ଯାତ୍ରା

ପବିତ୍ର ଅମରନାଥ ଗୁମ୍ଫାକୁ ଗତକାଲି ସନ୍ଧ୍ୟାସୁଦ୍ଧା ୧୩ ହଜାରରୁ ଅଧିକ ତୀର୍ଥଯାତ୍ରୀ ବରଫାବୃତ ଶିବଲିଙ୍ଗଙ୍କୁ ଦର୍ଶନ କରିଥିବା ଜଣାପଡ଼ିଛି । ବାଲତାଲ ଏବଂ ଚନ୍ଦନବାଡ଼ି ପଥ ଏବଂ ସ୍ୱତନ୍ତ୍ର ହେଲିକପ୍ଟର ମାଧ୍ୟମରେ

ଏହି ତୀର୍ଥଯାତ୍ରୀମାନେ ଯାଇଥିବା ଜଣାପଡ଼ିଛି । ସେମାନଙ୍କ ମଧ୍ୟରେ ୮ ହଜାର ୫୦୦ ଜଣ ପୁରୁଷ, ୩ ହଜାର ୨୩୬ ଜଣ ମହିଳା, ୮୦ ଜଣ ସାଧୁ ଏବଂ ୧ ହଜାର ୩୯୫ ଜଣ ସେବା ପ୍ରଦାନକରୀ ଏବଂ ସୁରକ୍ଷାକର୍ମୀ ରହିଛନ୍ତି । ମୋଟ୍ ୫୨ ଦିନ ଧରି ଚାଲିବାକୁ ଥିବା ଏହି ଯାତ୍ରାର ଗତ ୧୮ ଦିନ ମଧ୍ୟରେ ୩ ଲକ୍ଷ ୩୮ ହଜାର ୧୪୩ ଜଣ ତୀର୍ଥଯାତ୍ରୀ ପବିତ୍ର ଅମରନାଥ ଗୁମ୍ଫା ଦର୍ଶନ କରିଛନ୍ତି ।  ଇତିମଧ୍ୟରେ ବହୁ ଯାତ୍ରୀ  ଦର୍ଶନ ସାରି ଫେରିଥିବା ଜଣାପଡ଼ିଛି ।

ଜମ୍ମୁ ଭଗବତୀନଗର ଯାତ୍ରୀ ନିବାସ ମୂଳ ଶିବିରରୁ ୩ ହଜାର ୭୪୦ ତୀର୍ଥଯାତ୍ରୀଙ୍କର ଏକ ଦଳ ଆଜି ଶ୍ରୀଅମରନାଥ ଗୁମ୍ଫାକୁ ଦର୍ଶନ ପାଇଁ ବାହାରିଛନ୍ତି । ଆଜି ଭୋରରୁ ୧୨୭ଟି ଯାନବାହାନରେ ଏହି ଦଳ ମୂଳ ଶିବିର ଛାଡ଼ିଥିଲେ । ୨ ହଜାର ୭୩୪ ଜଣ ପୁରୁଷ, ୯୫୨ ଜଣ ମହିଳା, ୯ ଜଣ ଶିଶୁ, ୩୯ ଜଣ ସାଧୁ ଏବଂ ୬ ଜଣ ସାଧ୍ୱୀ ଏହି ଦଳରେ ସାମିଲ ହୋଇଛନ୍ତି । ୧ହଜାର ୪୩୫ ଜଣ  ତୀର୍ଥଯାତ୍ରୀ ଆଜି ସକାଳୁ ବାହାରି ବାଲତାଲ ମୂଳ ଶିବିର ଦେଇ ଗସ୍ତ କରିଛନ୍ତି ।ସେହିପରି ୨ ହଜାର ୩୦୫ ଜଣ ତୀର୍ଥଯାତ୍ରୀ ଆଜି ସକାଳେ ପହଲଗାଓଁ ମୂଳ ଶିବିରକୁ ଯାତ୍ରା କରିଛନ୍ତି । ସେଠାରୁ ସେମାନେ ପବିତ୍ର ଗୁମ୍ଫା ପର୍ଯ୍ୟନ୍ତ ଯାତ୍ରା କରିବେ ।

---

## ଓମାନ୍-ସୁଟିଂ

ଓମାନର ରାଜଧାନୀ ମାସ୍କଟ ଠାରେ ଅଲି-ବିନ୍-ଆବି-ତାଲିବ୍ ମସ୍‌ଜିଦ୍ ଗୁଳିକାଣ୍ଡ ଘଟଣାରେ ମୃତ୍ୟୁ ସଂଖ୍ୟା ୯କୁ ବୃଦ୍ଧି ପାଇଛି । ଏଥିମଧ୍ୟରେ ଜଣେ ଭାରତୀୟ ଅନ୍ତର୍ଭୁକ୍ତ । ଓମାନ୍ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସୂଚନା

ଦିଆଯାଇଛି । ମହରମ ଉପଲକ୍ଷେ ମସଜିଦ୍ ପରିସରରେ ଭିଡ଼କୁ ଲକ୍ଷ୍ୟ କରି ତିନି ଜଣ ବନ୍ଧୁକଧାରୀ ଗୁଳିମାଡ଼ କରିଥିଲେ । ଏଥିରେ ଅନ୍ୟ ଜଣେ ଭାରତୀୟ ଆହତ ହୋଇଛନ୍ତି ବୋଲି ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି । ଓମାନ୍ ସୁରକ୍ଷା ବାହିନୀ ପକ୍ଷରୁ ମଧ୍ୟ ପାଲଟା ଗୁଳି ଚାଳନା କରାଯାଇଥିଲା । ଏହି ଗୁଳି ବିନିମୟରେ ବିଭିନ୍ନ ଓ ରାଷ୍ଟ୍ରର ପାଖାପାଖି ୨୮ ଜଣ ନାଗରୀକ ଏବଂ ସୁରକ୍ଷା କର୍ମୀ ଆହତ ହୋଇଛନ୍ତି । ଇସ୍‌ଲାମିକ୍ ଷ୍ଟେଟ୍ ଆତଙ୍କବାଦୀ ଗୋଷ୍ଠୀ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି ।

ମାସ୍କଟ୍ ଠାରେ ଥିବା ଆମେରିକା ଦୂତାବାସ ପକ୍ଷରୁ ଏହି ଗୁଳିକାଣ୍ଡ ନେଇ ସୁରକ୍ଷା ସତର୍କ ସୂଚନା ଜାରି କରାଯାଇଛି । ଓମାନ୍‌ରେ ମସଜିଦ୍‌ରେ ଏଭଳି ଗୁଳିକାଣ୍ଡ ଘଟଣା ପ୍ରଥମ ବୋଲି କୁହାଯାଇଛି ।

## ମହରମ

ସମଗ୍ର ଦେଶରେ ଆଜି ଶ୍ରଦ୍ଧା ଓ ସଦ୍‌ଭାବନାର ସହ ମହରମ ପର୍ବ ପାଳନ କରାଯାଉଛି । ପ୍ରଫେଟ ମହମ୍ମଦଙ୍କ ନାତି ହଜ୍ରତ ଇମାମ ହୁସେନଙ୍କର ଆଜି ହେଉଛି ମହାପ୍ରୟାଣ ଦିବସ । ଏହି ଦିବସରେ ହୁସେନଙ୍କ ସହ ତାଙ୍କର କିଛି ସାଥୀ ମଧ୍ୟ ସତ୍ୟ ଏବଂ ନ୍ୟାୟ ପାଇଁ ପ୍ରାଣବଳୀ ଦେଇଥିଲେ । ଦିଲ୍ଲୀରେ ଜାମ୍ମା ମସ୍‌ଜିଦ୍, ନିଜାମୁଦ୍ଦିନ, ଅଖଲା ଏବଂ ମହାରୁଲି ସହିତ ବିଭିନ୍ନ ସ୍ଥାନରେ ତାଜିଆ ଶୋଭାଯାତ୍ରା ବାହାରିଥିଲା । ଦିଲ୍ଲୀ ଟ୍ରାଫିକ୍ ପୋଲିସ୍ ତାଜିଆ ଶୋଭାଯାତ୍ରା ପାଇଁ କେତେକ ସ୍ଥାନରେ କଟକଣା ଜାରି କରିଛନ୍ତି । ଦେଶରେ ଏଥିଲାଗି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

ଉତ୍ତରପ୍ରଦେଶରେ ମୁସଲମାନ ସଂପ୍ରଦାୟର ଲୋକେ ଆଜି ମହରମ ପାଳନ କରୁଛନ୍ତି । ଉତ୍ତରପ୍ରଦେଶ ପ୍ରଶାସନ ପକ୍ଷରୁ ସବୁ ଜିଲ୍ଲାର ସମ୍ବେଦନଶୀଳ ସ୍ଥାନରେ  ଅତିରିକ୍ତ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମହରମ ସମୟରେ ପରମ୍ପରା ବିରୋଧୀ ଗତିବିଧି ଉପରେ ନଜର ରଖିବା କହିବା ସହ ଅରାଜକତାକୁ ପ୍ରଶ୍ରୟ ନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଲକ୍ଷ୍ନୌ, କାନପୁର, ମିରଟ, ଗୋରଖପୁର, ଆମ୍ବେଦକରନଗର ଏବଂ ଅନ୍ୟ ଜିଲ୍ଲାଗୁଡ଼ିକରେ ଶୋଭାଯାତ୍ରା ବାହାରିବା ରାସ୍ତାରେ ଚଳିତଥର ସିସିଟିଭି କ୍ୟାମେରାରେ ନିରୀକ୍ଷଣ କରାଯିବ । ଲକ୍ଷ୍ନୌର ବିଭିନ୍ନ ସ୍ଥାନରେ ଯାତାୟାତ ପାଇଁ ଟ୍ରାଫିକ କଟକଣା କରାଯାଇଛି । ତେଲଙ୍ଗାନାର ବିଭିନ୍ନ ସ୍ଥାନରେ ବିଶେଷକରି ହାଇଦ୍ରାବାଦରେ ଶ୍ରଦ୍ଧା ଓ ସଦ୍‌ଭାବନାର ସହ ମହରମ ପର୍ବ ପାଳନ କରାଯାଉଛି ।

## ଜୟଶଙ୍କର-ମରିସସ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି ମରିସସ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ନବୀନ ରାମବୁଲାମ ଏବଂ ପଲ୍ ବେରେଞ୍ଜରଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ମରିସସ ଗସ୍ତ ଅବସରରେ ଶ୍ରୀ ଜୟଶଙ୍କର ଏହି ଦୁଇନେତାଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି ।

## ବାଂଲାଦେଶ କ୍ଲାସେସ୍

ବାଂଲାଦେଶରେ ଚାକିରିରେ ସଂରକ୍ଷଣ ବ୍ୟବସ୍ଥା ନେଇ ସଂଘଟିତ ଗଣ୍ଡଗୋଳରେ ଗତ ୨ ଦିନ ମଧ୍ୟରେ ୬ ଜଣଙ୍କର ମୃତ୍ୟୁ ହୋଇଛି ।

ଅନେକ ଆହତ ହୋଇଥିବା ଜଣାପଡ଼ିଛି । ମୃତକଙ୍କ ମଧ୍ୟରେ ଚଟୋଗ୍ରାମରେ ୩ ଜଣ, ଢ଼ାକାରେ ୨ ଜଣ ଏବଂ ରଙ୍ଗପୁର ଜିଲ୍ଲାରେ ଜଣେ ଅନ୍ତର୍ଭୁକ୍ତ । ସଂରକ୍ଷଣକୁ ବିରୋଧ କରି ଶାସକ ଆୱାମି ଲିଗ୍‌ର ଅନୁବନ୍ଧିତ ଛାତ୍ର ସଂଗଠନ ବାଂଲାଦେଶ ଛାତ୍ର ଲିଗ୍ ମଧ୍ୟରେ ସଂଘର୍ଷ ଘଟିଛି । ଆଇନଶୃଙ୍ଖଳା ପରିସ୍ଥିତିକୁ ବଜାୟ ରଖିବା ଲାଗି ଢ଼ାକା, ଗାଜିପୁର, ଚଟୋଗ୍ରାମ, ବୋହୁରା, ରଙ୍ଗପୁର ଏବଂ ରାଜସାହିରେ ବାଂଲାଦେଶ ସୀମା ସୁରକ୍ଷା ବାହିନୀ ଯବାନଙ୍କୁ ମୁତୟନ କରାଯାଇଛି । ଅନ୍ୟପକ୍ଷରେ ବାଂଲାଦେଶ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସମସ୍ତ ସରକାରୀ ଏବଂ ସରକାରୀ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ଓ ବେସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ଗତକାଲି ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ସମସ୍ତ ସ୍କୁଲ୍ ଓ କଲେଜକୁ ବନ୍ଦ ରଖିବା ପାଇଁ ସେଠାକାର ଶିକ୍ଷା ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି । ବାଂଲାଦେଶ ଆଇନମନ୍ତ୍ରୀ ଅନୀଶୁଲ୍ ହକ୍ କହିଛନ୍ତି ସଂରକ୍ଷଣ ବ୍ୟବସ୍ଥାକୁ ସୁସଂହତ କରିବା ଲାଗି ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ।

## ସୁନାବେଶ

ଶ୍ରୀ ହରିଶୟନ ଏକାଦଶୀ ତିଥି ଅବସରରେ ପୁରୀ ଶ୍ରୀକ୍ଷେତ୍ରରେ ସିଂହଦ୍ୱାର ସମ୍ମୁଖରେ ଥିବା ତିନି ରଥ ଉପରେ ଠାକୁରଙ୍କର ଆଜି ସୁନାବେଶ ଅନୁଷ୍ଠିତ ହେବ । ଏହି ଆକର୍ଷଣୀୟ ବେଶକୁ ଦର୍ଶନ କରିବା ଲାଗି ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଆନୁସଙ୍ଗୀକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ରଥ ଚାରିପାଖ ଏବଂ ବଡ଼ ଦାଣ୍ଡରେ ଗହଳି ନିୟନ୍ତ୍ରଣ

ଉପରେ ଗୁରୁତ୍ୱାରୋପ କରାଯାଇଛି । ଅପରାହ୍ଣ ୫ଟାରେ ସୁନାବେଶ ଆରମ୍ଭ ହେବ । ବିଭିନ୍ନ ପ୍ରକାର ସୁନା ଅଳଙ୍କାରରେ ଠାକୁରଙ୍କୁ ବେଶ କରାଯିବ । ସୁନା ବେଶରେ ରଥ ଉପରେ ମହାପ୍ରଭୁଙ୍କର ସନ୍ଧ୍ୟା ଧୂପ ଏବଂ ମହାଦୀପ ଆଦି ନୀତି ସମାପନ କରାଯିବ । ରାତି ୧୦ଟା ପରେ ଠାକୁରଙ୍କର ଶ୍ରୀଅଙ୍ଗରୁ ସୁନାବେଶ ମଇଲମ ନୀତି ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ଏହାପରେ ଚନ୍ଦନ ଲାଗି, ବଡ଼ ସିଂହାର ବେଶ ଏବଂ ଭୋଗ ଲାଗି କରାଯିବା ସହ ହରିଶୟନ ନୀତି ଅନୁଷ୍ଠିତ ହେବ । ରଥ ଉପରେ ଆସନ୍ତାକାଲି ଠାକୁରଙ୍କର ଅଧରପଣା ନୀତି ଅନୁଷ୍ଠିତ ହେବ ।

# ନଡ୍ଡା- ରିଭ୍ୟୁ

ସ୍ୱାସ୍ଥ୍ୟମନ୍ତ୍ରୀ ଜଗତପ୍ରକାଶ ନଡ୍ଡା ଆଜି ନୂଆଦିଲ୍ଲୀରେ କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନର ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି । ଏହି ବୈଠକରେ ସ୍ୱାସ୍ଥ୍ୟ ସଚିବ ଅପୂର୍ବ ଚନ୍ଦ୍ରା ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ ଦେଶରେ ଔଷଧ, ଚିକିତ୍ସା ଉପକରଣ ଏବଂ ସୌନ୍ଦର୍ଯ୍ୟ ପ୍ରସାଧନର ଗୁଣବତ୍ତା ଏବଂ ସୁରକ୍ଷାକୁ ନିୟନ୍ତ୍ରଣ କରିଥାଏ ।

# ପିଏମ୍-ଆଷାଢ଼ୀ ଏକାଦଶୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଷାଢ଼ୀ ଏକାଦଶୀ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ମୋଦୀ ଭଗବାନ ବିଠଲଙ୍କର ଆଶୀର୍ବାଦ ସମସ୍ତଙ୍କ ଉପରେ ରହିଥାଉ ବୋଲି ଆଶାବ୍ୟକ୍ତ କରିବା ସହ ସମାଜରେ ସୁଖ ଓ ସମୃଦ୍ଧି ଗଠନ ଦିଗରେ ଏହା ସହାୟକ ହେବ ବୋଲି ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ କହିଛନ୍ତି । ସେ ଆହୁରି ମଧ୍ୟ

କହିଛନ୍ତି ଏହି ଉତ୍ସବ ଭକ୍ତି, ନମ୍ରତା, କରୁଣାକୁ ପ୍ରେରଣା ଯୋଗାଇବା ସହ ଗରିବଙ୍କ ସେବା କରିବା ପାଇଁ ଅବସର ସୃଷ୍ଟି କରିବ ।

## ପେରୁ-ଆକ୍ସିଡେଣ୍ଟ

ପେରୁର ଆୟାକୁଚ ଦକ୍ଷିଣାଞ୍ଚଳରେ ଏକ ବସ୍ ଦୁର୍ଘଟଣାରେ ୨୬ ଜଣଙ୍କର ମୃତ୍ୟୁ ଘଟିବା ସହ ଡଜେନରୁ ଅଧିକ ଲୋକ ଆହତ ହୋଇଛନ୍ତି । ସ୍ଥାନୀୟ ଅଧିକାରୀଙ୍କ କହିବା ଅନୁସାରେ ଗତକାଲି ଲସ୍ ଲିବର୍ଟା ଡୋରେସ୍ ରାଜପଥ ଦେଇ ଯିବା ସମୟରେ ବସ୍‌ଟି ଭାରସାମ୍ୟ ହରାଇ ଖାତକୁ ଖସିପଡ଼ିଥିଲା । ବସ୍‌ରେ ୪୦ଜଣ ଯାତ୍ରୀଙ୍କୁ ନେଇ ଲିମାରୁ ଆୟାକୁଚକୁ ଯାଉଥିଲା । ଆହତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଗଣମାଧ୍ୟମ ରିପୋର୍ଟ ଅନୁସାରେ ପାହାଡ଼ିଆ ରାସ୍ତାରେ ଦ୍ରୁତଗତିରେ ଗାଡ଼ି ଚଳାଇବା, ଟ୍ରାଫିକ୍ ସିଗ୍ନାଲ୍‌ର ଅଭାବ, ଖରାପ ରାସ୍ତା ଏବଂ ଡ୍ରାଇଭିଂ ନିୟମର ଅଭାବ ଯୋଗୁଁ ପେରୁରେ ବାରମ୍ବାର ଦୁର୍ଘଟଣା ଘଟୁଛି । ଗତବର୍ଷ ୮୭ ହଜାରରୁ ଅଧିକ ଟ୍ରାଫିକ୍ ଦୁର୍ଘଟଣାରେ ୩ ହଜାର ଶହେରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।

## ଓ୍ୱେଦର

ଭାରତୀୟ ପାଣିପାଗ ବିଭାଗ କୋଙ୍କଣ, ଗୋଆ, ମଧ୍ୟପ୍ରଦେଶରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି । ପାଣିପାଗ ବିଭାଗ କହିଛି ଗୁଜରାଟ, କର୍ଣ୍ଣାଟକ, ଛତିଶଗଡ଼, ଓଡ଼ିଶା, କେରଳ, ନାଗାଲ୍ୟାଣ୍ଡ, ମଣିପୁର, ମିଜୋରାମ ଏବଂ ତ୍ରିପୁରାରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ପୂର୍ବ ରାଜସ୍ଥାନ, ଜାମ୍ମୁ,

କାଶ୍ମୀର, ଲଦାଖ, ପଞ୍ଜାବ, ହରିଆଣା, ଦିଲ୍ଲୀ, ଉତ୍ତରପ୍ରଦେଶ ଏବଂ ପଶ୍ଚିମ ରାଜସ୍ଥାନରେ ସାମାନ୍ୟରୁ ମଧ୍ୟମଧରଣର ବର୍ଷା ହେବା ନେଇ ବିଭାଗ ପକ୍ଷରୁ ପୂର୍ବାନୁମାନ କରିଛି ।